# ODM PUBLIC SCHOOL

**SESSION :08**
**CLASS :3**
**SUBJECT : ODIA**
**CHAPTER NUMBER: 06**
**CHAPTER NAME : ହାତୀ ମାନିଲା ଏଣ୍ଡୁଅ କଥା**
**SUBTOPIC :କବିତା ଅବୃତ୍ତି ଓ ଅଭ୍ୟାସ-୧,୩ ,୧୩**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ ଓ କବିତା ଅବୃତ୍ତି ଶୈଳୀ ର ଅଭିବୃଦ୍ଧି କରାଇବା ।



# ହାତୀ ମାନିଲା ଏଣ୍ଡୁଅ  କଥା









ହାତୀ ଆସୁଥିଲା ଶୁଣ୍ଢ ହଲାଇ
ମେଣ୍ଢାପଲ ଦେଖି ଗଲେ ପଳାଇ
ନଈରେ ପଶିଲା ହାତୀ,
ଶୁଣ୍ଢରେ ତାହାର ପିଚିକାରୀ ମାରି
ପାଣିଖେଳେ ଗଲା ମାତି ।





ହାତୀର ଖେଳକୁ ଏଣ୍ଡୁଅ ଦେଖି
କହିଲା ତାହାକୁ ତରାଟି ଆଖି
ଅସନା କରୁଛ ପାଣି,
ଜୀବନ ପାଇଁକି ବିପଦକୁ ତୁମେ
ଡାକୁଅଛ ଜାଣି ଜାଣି ।

ଶୁଣ୍ଢକୁ ଉଠାଇ ମୁଣ୍ଡ ହଲାଇ
ହାତୀ ପଚାରିଲା ଏଣ୍ଡୁଅଭାଇ
କହିଲ କହିଲ ମୋତେ,
ଜୀବନପାଇଁ ମୁଁ କେଉଁ ବିପଦକୁ
ଡାକି ଆଣୁଅଛି ସତେ ?

ODM EDUCATIONAL GROUP
Changing your Tomorrow



ଏଣ୍ଡୁଅ କହିଲା, ହେ ହାତୀଭାଇ
ମୁଣ୍ଡରେ କି ତୁମ ଅକଲ ନାହିଁ ?
ଦୂଷିତ ହୋଇଲେ ଜଳ,
ଜ୍ୱର, ଝାଡ଼ା, କାଛୁ କୁଣ୍ଡିଆ ରୋଗରେ
ଲୋକେ ହେବେ କଲବଲ ।

ମୁଣ୍ଡକୁ ହଲାଇ କହିଲା ହାତୀ,
ଏଣ୍ଡୁଅଭାଇ ତୁ ମୋହର ସାଥୀ
ମାନୁଛି ତୋହର କଥା,
ସାନ ଦେହ ସିନା ବଡ଼ବଡ଼ କଥା
ସାଇତିଛି ତୋର ମଥା ।

ଅଭ୍ୟାସ -୧ ଗୀତଟିକୁ ମନେ ପକାଇ କୁହ |

ଅଭ୍ୟାସ -୩ ଗୀତରେ ଯେଉଁ ଚିତ୍ର ଦିଆଯାଇଛି ,ସେଥିରେ କିଏ କଣ କରୁଛି ଲେଖ |

କ –ହାତୀ ------- ରେ ପାଣି ପକାଉଛି |

ଖ –ପାଣି  ଦେଖି ---------ଦୌଡି ପଳେଇଲେ |

ଗ –ଆଖି ବଡ ବଡ କରି ------------ ହାତୀକୁ ଅନେଇଛି |

ଘ – ପିଲାଟି ଦେହରେ -----------------ହୋଇଛି |

ଙ- ପିଲାଟି ନିଜ ଦେହକୁ -------------ହେଉଛି |

ଅଭ୍ୟାସ-୧୩ ତୁମ ଘର ଲୋକେ ନଦୀ ଓ କୂଅର ଦୂଷିତ ପାଣି ବ୍ୟବହାର କରୁଥିଲେ ତୁମେ କଣ କରିବ ସାଙ୍ଗ ମାନଙ୍କ ସହିତ ଆଲୋଚନା କର |

ODM EDUCATIONAL GROUP

ଅଭ୍ୟାସ -୧ ଗୀତଟିକୁ ମନେ ପକାଇ କୁହ |

ଅଭ୍ୟାସ -୩ ଗୀତରେ ଯେଉଁ ଚିତ୍ର ଦିଆଯାଇଛି ,ସେଥିରେ କିଏ କଣ କରୁଛି ଲେଖ |

କ –ହାତୀ ଶୁଣ୍ଢ ରେ ପାଣି ପକାଉଛି |

ଖ –ପାଣି ଦେଖି ମେଣ୍ଢାପଲ ଦୌଡି ପଳେଇଲେ |

ଗ –ଆଖି ବଡ ବଡ କରି ଏଣ୍ଡୁଅ ହାତୀକୁ ଅନେଇଛି |

ଘ – ପିଲାଟି ଦେହରେ କାଛୁକୁଣ୍ଡିଆ ହୋଇଛି |

ଙ- ପିଲାଟି ନିଜ ଦେହକୁ କୁଣ୍ଡେଇ ହେଉଛି |

ଅଭ୍ୟାସ-୧ ୩ ତୁମ ଘର ଲୋକେ ନଦୀ ଓ କୂଅର ଦୂଷିତ ପାଣି ବ୍ୟବହାର କରୁଥିଲେ ତୁମେ କଣ କରିବ ସାଙ୍ଗ ମାନଙ୍କ ସହିତ ଆଲୋଚନା କର |

ଉ – ଆମେ ଆମ ଘର ଲୋକଙ୍କୁ ନଦୀର ଜଳ ବ୍ୟବହାର ନକରିବା ପାଇଁ କହିବୁ |କୂଅର ଜଳକୁ ବ୍ଲିଚିଂ ପାଉଡର ପକାଇ ବିଶୁଦ୍ଧ କରିବୁ ଏବଂ ସେହି ଜଳକୁ ଫୁଟାଇ ଛାଣି ପିଇବା ପାଇଁ କହିବୁ ଓ କୂଅର ଜଳକୁ ବିଶୁଦ୍ଧ ରଖିବା ପାଇଁ ଏକ ଘୋଡଣି ଘୋଡାଇବାକୁ କହିବୁ |

ODM EDUCATIONAL GROUP

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

୧ -ହାତୀ କିପରି ଆସୁଥାଏ ?

୨ –କେଉଁ ମାନେ ହାତୀକୁ ଦେଖି ପଳାଇ ଗଲେ ?

୩ –କିଏ ପାଣି ଖେଳରେ ମାତିଗଲା ?

୪ –କିଏ ହାତୀକୁ ଆଖି ତରାଟି ଚାହିଁଲା ?

୫ –ଏଣ୍ଡୁଅ ହାତୀକୁ କି ଉପଦେଶ ଦେଲା ?

୬ – ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?

୭ –ଜୀବନ ପାଇଁ ମୁଁ କେଉଁ ବିପଦକୁ ଡାକି ଆଣୁଛି,ଏହି କଥା କିଏ କାହାକୁ କହିଥିଲା ?

୮ –ହାତୀ ଏଣ୍ଡୁଅ ର ଉପଦେଶ କୁ ମାନିଲା \ମାନିଲା ନାହିଁ ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## ଅଭ୍ୟାସ -୨ କୁ ବହି ଓ ଖାତାରେ କର ।



**ଲବ୍ଧ ଜ୍ଞାନର ଫଳାଫଳ-**

ପିଲାମାନଙ୍କର ଶ୍ରବଣ,କଥନ,ଲିଖନ ଓ  କବିତା ଅବୃତ୍ତି ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

# THANKING YOU

# ODM EDUCATIONAL GROUP